# ଓଡିଶାରେ ସୂଚନା ଅଧିକାର ଆଇନ୍‌କୁ କାର୍ଯ୍ୟକାରୀ କରିବାକୁ ହେଲେ କ'ଣ କରିବାକୁ ହେବ ?

## ଓଡିଶା ନିୟମାବଳୀର ଗୋଲକଧନ୍ଦା

ବର୍ତ୍ତମାନ ଦେଖାଯାଉଛି, ସୂଚନା ଅଧିକାର ଆଇନ୍ ସମ୍ବନ୍ଧରେ ରାଜ୍ୟ ସରକାର ଓ ସୂଚନା କମିଶନଙ୍କ ଦ୍ୱାରା ଯେତେ ପ୍ରକାର ପ୍ରଚାର କରାଗଲେ ବି, ସମାଜର ଯେଉଁ ନିମ୍ନବର୍ଗର ଲୋକଙ୍କ ପାଇଁ ଏହା ତିଆରି କରାଯାଇଥିଲା, ସେମାନେ ଏହି ଆଇନର ସୁଯୋଗ ଏପର୍ଯ୍ୟନ୍ତ ନେଇ ପାରିନାହାନ୍ତି । ଏହାର ସବୁଠାରୁ ବଡ କାରଣ ହେଲା, ଏହି ଆଇନ୍ ସମ୍ବନ୍ଧରେ ଏକପାଖିଆ ପ୍ରଚାର, ଅର୍ଥାତ୍ ଧାରା ୪ ମାଧ୍ୟମରେ ଲୋକେ କେମିତି ବିନା ଦରଖାସ୍ତରେ ଓ ତତ୍‌କ୍ଷଣାତ୍ ପ୍ରତି ଜନକର୍ତ୍ତୃପକ୍ଷଙ୍କ ଦପ୍ତରରୁ ସ୍ୱୟଂ-ପ୍ରକଟନୀୟ ସୂଚନାଗୁଡିକୁ ନିରୀକ୍ଷଣ ଓ ସଂଗ୍ରହ କରିପାରିବେ, ସେ ସମ୍ବନ୍ଧରେ କିଛି କୁହାନଯାଇ କେବଳ ଧାରା ୬ ଅଧୀନରେ ବିନିର୍ଦ୍ଦିଷ୍ଟ ହୋଇଥିବା ଫର୍ମ ପୂରଣ କରିବା ସହିତ ଫିସ୍ ଦେଇ ଆବେଦନ କରିବା ଏବଂ ୩୦ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବା ବିଷୟରେ ହିଁ ପ୍ରଚାର କରା ହୋଇ ଆସୁଛି । ଏବଂ ଦ୍ୱିତୀୟ ବଡ କାରଣ ହେଲା, ଏହି ଆଇନ୍ ନାଁରେ ଓଡିଶା ନିୟମାବଳୀରେ ଯେଉଁସବୁ ଫର୍ମ, ମୂଲ୍ୟସୂଚୀ ଓ ପଦ୍ଧତିଗୁଡିକୁ ସ୍ଥାନିତ କରାଯାଇଛି, ସେଗୁଡିକ ଗୋଟିଏ ପଟରେ ମୂଳ ଆଇନର ପରିପନ୍ଥୀ ଏବଂ ଅନ୍ୟପଟରେ ସାଧାରଣ ଲୋକଙ୍କ କ୍ଷମତାର ସୀମା ବାହାରେ । ବର୍ତ୍ତମାନ ପ୍ରଶ୍ନ ହେଉଛି, ଓଡିଶାର ଏହି ବିଶେଷ ପରସ୍ଥିତିରେ ସମାଜର ତଳ ଶ୍ରେଣୀରେ ଥିବା ଦରିଦ୍ର ଓ ଅପାଠୁଆ ଲୋକେ କିପରି ସୂଚନା ଅଧିକାର ଆଇନ୍‌କୁ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ କାର୍ଯ୍ୟକାରୀ କରିପାରିବେ ?

## ଧାରା ୬ ନୁହେଁ, ଧାରା ୪ ହିଁ ମୂଳ ଆଇନର ଅସଲ ପ୍ରାଣସତ୍ତା

ପ୍ରକୃତ ପକ୍ଷେ ବୁଝିବାକୁ ଗଲେ, ସୂଚନା ପାଇବା ପାଇଁ ବହୁପ୍ରଚାରିତ ଧାରା ୬(୧) ଅଧୀନରେ ଆବେଦନ କରିବା ଏହି ଆଇନର ମୂଳ ବ୍ୟବସ୍ଥା ନୁହେଁ । ଧାରା ୪(୨)ରେ କୁହାଯାଇଛି ଯେ, ପ୍ରତି ଜନ କର୍ତ୍ତୃପକ୍ଷ ନିଜ ସଂସ୍ଥା ସମ୍ବନ୍ଧରେ ତଥା ନିଜ ଅଧିନରେ ଥିବା ସମସ୍ତ ସ୍ୱୟଂ-ପ୍ରକଟନୀୟ ସୂଚନା ଗୁଡିକୁ ସ୍ୱୟଂଚାଳିତ ହୋଇ ଏମିତି ବ୍ୟାପକଭାବେ ଏବଂ ସହଜସୁଲଭ ଢଙ୍ଗରେ ପ୍ରସାରଣ କରିବେ ଯେ, ସାଧାରଣ ଲୋକେ ଏହିସବୁ ସୂଚନା ପାଇବା ପାଇଁ ଏହି ଆଇନର ଆଶ୍ରୟ ନେବାକୁ ଚାହିଁବେନି ; ଅର୍ଥାତ୍ ସୂଚନା ପାଇବା ପାଇଁ ବିହିତ ହୋଇଥିବା ମୂଲ୍ୟଦେଇ ଧାରା ୬(୧)ଅଧୀନରେ ଫର୍ମପୂରଣ କରିବା, ଧାରା ୭(୧) ଅନୁଯାୟୀ ୩୦ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବା କିମ୍ବା ସୂଚନା ମୋଟେ ନମିଳିଲେ ବା ଆଶାନୁରୂପ ଭାବେ ନମିଳିଲେ ଧାରା ୧୮ ବା ୧୯ ଅଧିନରେ ଅଭିଯୋଗ କି ଅପିଲ୍ କରିବାର ଜଟିଳ, ଦୀର୍ଘସୂତ୍ରୀ ଏବଂ ବ୍ୟୟବହୁଳ ପ୍ରକ୍ରିୟାର ଆବଶ୍ୟକତା ପଡିବନି । ପ୍ରତି ଜନକର୍ତ୍ତୃପକ୍ଷ ନିଜ ପାଖରେ ଥିବା ସମସ୍ତ ସୂଚନାଗୁଡିକୁ ଧାରା ୪(୧ବି)ରେ ବର୍ଣ୍ଣିତ ୧୭ଭାଗରେ ବିଭାଗୀକରଣ କରି ସଜାଡି ରଖି ସାରିଥିବା କଥା, କାରଣ ସେହି ଧାରାରେ ସ୍ପଷ୍ଟ କୁହାଯାଇଛି ଯେ, ଆଇନ୍ ଲାଗୁ ହେବା (୧୫ ଜୁନ୍ ୨୦୦୫)ର ୧୨୦ ଦିନ (୧୨ ଅକ୍ଟୋବର ୨୦୦୫) ମଧ୍ୟରେ ଏହି ସବୁ ସୂଚନାଗୁଡିକ ପ୍ରକାଶ ପାଇ ସାରିଥିବ । ସୁତରାଂ ଏବେ ଯଦି କୌଣସି ଜନକର୍ତ୍ତୃପକ୍ଷ ସୂଚନା ସଜଡା ନହୋଇଥିବା କାରଣ ଦେଖାଇ ଜଣେ ଇଚ୍ଛୁକ ନାଗରିକଙ୍କୁ ସେ ଚାହିଁଥିବା ସୂଚନା ସଙ୍ଗେସଙ୍ଗେ ଦେଇଦେବାକୁ ଅମଙ୍ଗ ହୁଅନ୍ତି, ତେବେ ବୁଝିବାକୁ ପଡିବ, ସେହି ଜନ କର୍ତ୍ତୃପକ୍ଷ ଆଇନର ଉଲ୍ଲଂଘନ କରୁଛନ୍ତି ।

## ଧାରା ୪ଅଧୀନସ୍ଥ ସୂଚନା ତତ୍‌କ୍ଷଣାତ୍ ମିଳିବା କଥା

ସୂକ୍ଷ୍ମଭାବେ ବିଶ୍ଳେଷଣ କଲେ ଜଣାପଡିବ ଯେ, ସାଧାରଣ ଲୋକେ ସେମାନଙ୍କ ଜୀବନଜୀବିକା ସମ୍ବନ୍ଧରେ ଯେଉଁସବୁ ସୂଚନା ଚାହାଁଥାନ୍ତି, ସେଭଳିଆ ପ୍ରତିଟି ସୂଚନା ଧାରା ୪(୧ବି) ଅଧୀନରେ ବର୍ଣ୍ଣିତ ୧୭ପ୍ରକାର ସୂଚନା-ବିଭାଗ ଭିତରୁ କୌଣସି ନା କୌଣସି ବିଭାଗର ଅନ୍ତର୍ଭୁକ୍ତ ହେଉଥିବ । ଉଦାହରଣ ସ୍ୱରୂପ, ଯଦି ଜଣେ ବ୍ୟକ୍ତି ଜାଣିବାକୁ ଚାହାଁନ୍ତି ଯେ, ଇନ୍ଦିରା ଆବାସ ପାଇଁ ତାଙ୍କର ଆବେଦନ କାହିଁକି ଖାରଜ ହେଲା, ତେବେ ସଂପୃକ୍ତ ଜନ କର୍ତ୍ତୃପକ୍ଷ ଧାରା ୪(୧ବି) ଅଧୀନସ୍ଥ ବିନ୍ଦୁ-୧୨ରେ ଥିବା ସୂଚନା-ବିଭାଗ [ଯଥା-ପ୍ରତି କାର୍ଯ୍ୟକ୍ରମ ପିଛା ଅର୍ଥବରାଦ ଏବଂ ହିତାଧିକାରୀମାନଙ୍କ ସମ୍ବନ୍ଧରେ ବିଶଦ୍ ବିବରଣୀ ସମେତ ସମସ୍ତ ସହାୟତା (ସବ୍‌ସିଡି) କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା] ଅନୁଯାୟୀ ସଂପୃକ୍ତ ବ୍ୟକ୍ତିଙ୍କୁ ସେହିସବୁ ଫାଇଲ୍ ସିଧାସଳଖ ଦେଖାଇଦେବା କଥା, ଯେଉଁଥିରେ କି ଏହି ପ୍ରଶ୍ନ ସମ୍ବନ୍ଧରେ ସମସ୍ତ ଆବଶ୍ୟକୀୟ ସୂଚନା ଥିବ । ଯଦି ସଂପୃକ୍ତ ବ୍ୟକ୍ତି ପଢି ନଜାଣିଥାନ୍ତି, ତେବେ ଜନ କର୍ତ୍ତୃପକ୍ଷଙ୍କ ଦପ୍ତରର ସଂଶ୍ଳିଷ୍ଟ ଅଧିକାରୀ ତାଙ୍କୁ ମୌଖିକଭାବେ ବୁଝାଇଦେବେ, ନଚେତ୍ ମୌଖିକଭାବେ ବୁଝାଇବା ସହିତ ଏକ କାଗଜରେ ଉତ୍ତର ଲେଖି, ଏହାକୁ ନିଜ ଦପ୍ତରର ମୋହର ସହ ପ୍ରମାଣୀକୃତ କରି ସୂଚନା-ଆଶାୟୀ ବ୍ୟକ୍ତିଙ୍କୁ ଧରାଇଦେବେ । ଯଦି ଏପରି କରାଯାଏ, ତେବେ ସେହି ବ୍ୟକ୍ତି ଦ୍ୱିତୀୟ ବାର ସେହି ସୂଚନା ପାଇଁ ସଂପୃକ୍ତ ଦପ୍ତରକୁ ଆସିବେ ନାହିଁ, କିମ୍ବା ଧାରା ୬ ଅଧୀନରେ ଦରଖାସ୍ତ କରିବାକୁ ଚାହିଁବେନି ।

## ଧାରା ୪ର ସୂଚନା ପାଇଁ ଦରଖାସ୍ତ କରିବା ଜରୁରୀ ନୁହେଁ

ଏହା ସ୍ୱତଃସିଦ୍ଧ ଯେ, ଯେହେତୁ ୪(୧ବି) ଅଧିନସ୍ଥ ସୂଚନାଗୁଡିକ ହେଉଛି ସ୍ୱୟଂ-ପ୍ରକଟନୀୟ, ଯାହାକୁ ପ୍ରତି ଜନକର୍ତ୍ତୃପକ୍ଷ ସ୍ୱୟଂଚାଳିତ ହୋଇ ନିଜ ତରଫରୁ ଲୋକମାନଙ୍କୁ ଦେଇଦେବା କଥା, ସେଥିପାଇଁ ଆବେଦନ ବା ଦରଖାସ୍ତ କରିବାର ଆବଶ୍ୟକତା ନାହିଁ । ଓଡିଶା ନିୟମାବଳୀରେ ଯେଉଁ ଦରଖାସ୍ତ ଫର୍ମ ବା ଫର୍ମ-'କ' ସ୍ଥାନ ପାଇଛି, ତହିଁର ଶୀର୍ଷକର ଠିକ୍ ତଳେ ଥିବା ଟିପ୍ପଣୀରେ ଉଲ୍ଲେଖ ଅଛି ଯେ, ଏହା କେବଳ ଧାରା ୬(୧)ର ସୂଚନା ପ୍ରାପ୍ତି ପାଇଁ ପ୍ରଯୁଜ୍ୟ । ସୁତରାଂ ଜଣେ ବ୍ୟକ୍ତି ଧାରା ୪ ଅଧୀନସ୍ଥ ସୂଚନା ଚାହୁଁଥିଲେ, ତାଙ୍କୁ କୌଣସି ଜନକର୍ତ୍ତୃପକ୍ଷ ଧାରା ୬(୧)ପାଇଁ ଉଦ୍ଦିଷ୍ଟ ଫର୍ମରେ ଆବେଦନ କରିବାପାଇଁ ବାଧ୍ୟ କରିପାରିବେ ନାହିଁ ; ଏହା କଲେ ତାଙ୍କ ବିରୁଦ୍ଧରେ ଧାରା ୧୮ ଅଧୀନରେ ଅଭିଯୋଗ ବା ଧାରା ୧୯ ଅଧୀନରେ ଅପିଲ୍ କରିହେବ ।

## ଓଡିଶା ନିୟମାବଳୀର ମୂଲ୍ୟସୂଚୀ ଧାରା ୪ ସୂଚନା ପାଇଁ ପ୍ରଯୁଜ୍ୟ ନୁହେଁ

ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଧାରା ୪ ଅଧୀନସ୍ଥ ସ୍ୱୟଂ-ପ୍ରକଟନୀୟ ସୂଚନାଗୁଡିକୁ ନାଗରିକମାନେ କେମିତି ହାସଲ କରିପାରିବେ ? ଧାରା ୪ର ସ୍ପଷ୍ଟୀକରଣରେ କୁହାଯାଇଛି ଯେ, ବିଭିନ୍ନ ମାଧ୍ୟମରେ ଏହି ସୂଚନା ଲୋକମାନଙ୍କ ପାଖରେ ପହଞ୍ଚିବା କଥା ; ସେଥିରୁ ଗୋଟିଏ ମାଧ୍ୟମ ହେଲା, ସର୍ବସାଧାରଣଙ୍କ ଦ୍ୱାରା ପ୍ରତି ଜନକର୍ତ୍ତୃପକ୍ଷଙ୍କ ଦପ୍ତରକୁ ନିରୀକ୍ଷଣ ବା ଇନ୍‌ସ୍ପେକ୍‌ସନ କରିବା । ପୁଣି ଧାରା ୪(୪) ରେ କୁହାଯାଇଛି ଯେ, ପ୍ରତି ଜନକର୍ତ୍ତୃପକ୍ଷ ଧାରା ୪ର ସ୍ୱୟଂ-ପ୍ରକଟନୀୟ ସୂଚନା ଗୁଡିକୁ ପ୍ରସାରଣ କଲାବେଳେ ସ୍ଥାନୀୟ ଭାଷା ଓ ସଂପୃକ୍ତ ଅଞ୍ଚଳର ସବୁଠୁଁ ଫଳପ୍ରଦ ମାଧ୍ୟମ ତଥା ସର୍ବନିମ୍ନ ଖର୍ଚ୍ଚକୁ ବିଚାରକୁ ନେଇଥିବେ । ଏଥିରୁ ଏହା ସ୍ପଷ୍ଟ ଯେ, ଓଡିଶା ସଂଶୋଧିତ ନିୟମାବଳୀରେ ଯେଉଁ ମୂଲ୍ୟସୂଚୀ ପ୍ରକାଶ ପାଇଛି, ତାହା ଧାରା ୪ ଅଧୀନସ୍ଥ ସ୍ୱୟଂ-ପ୍ରକଟନୀୟ ସୂଚନା ବିତରଣ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ, କାରଣ ଏହି ମୂଲ୍ୟସୂଚୀ ସର୍ବନିମ୍ନ ଖର୍ଚ୍ଚକୁ ଆଧାର କରି ପ୍ରସ୍ତୁତ ହୋଇନାହିଁ । ଉଦାହରଣ ସ୍ୱରୂପ, ପୃଷ୍ଠାଏ ଜେରକ୍ସ ପାଇଁ ରାଜ୍ୟରେ ସର୍ବତ୍ର ୫୦ ପଇସାରୁ ୭୫ ପଇସା ଲାଗୁଥିବା ବେଳେ ଘୋଷିତ ମୂଲ୍ୟସୂଚୀ ଅନୁଯାୟୀ ଜଣେ ସୂଚନା-ସଂଗ୍ରାହକଙ୍କୁ ଏଥିପାଇଁ ୨ଟଙ୍କା ଦେବାକୁ ପଡିବ ।

ସର୍ବୋପରି ଏହି ଘୋଷିତ ମୂଲ୍ୟସୂଚୀର ଶୀର୍ଷକ ତଳେ ଲିଖିତ ଟିପ୍‌ପଣୀକୁ ଅନୁଧ୍ୟାନ କଲେ ଆହୁରି ସ୍ପଷ୍ଟ ଭାବେ ଜଣାପଡିବ ଯେ, ଏହି ଘୋଷିତ ମୂଲ୍ୟସୂଚୀ କେଉଁଠି ପାଇଁ ଉଦ୍ଦିଷ୍ଟ ? ଏହି ଟିପ୍‌ପଣୀଟି ହେଲା, 'ରୁଲ୍ ୪ ଓ ୭ ଦ୍ରଷ୍ଟବ୍ୟ' । ବର୍ତ୍ତମାନ ଆମେ ଦେଖିବା ଏହାର ମାନେ କ'ଣ ? ରୁଲ୍ ୪ ହେଲା, ଆଇନ୍‌ର ଧାରା ୬(୧) ଅନୁଯାୟୀ  ସୂଚନା ଚାହୁଁଥିବା ବ୍ୟକ୍ତିଙ୍କୁ ଫର୍ମ-'କ'ରେ ଆବେଦନ କରିବାକୁ ପଡିବ, ଏବଂ ଏହି ଆବେଦନ ପାଇଲାପରେ ଜନସୂଚନା ଅଧିକାରୀ ଫର୍ମ-'ବି'ରେ ସୂଚନା ପ୍ରଦାନ ବାବଦ କେତେ ଅର୍ଥରାଶି ଜମା କରିବାକୁ ପଡିବ, ତାହା ଜଣାଇବେ । ରୁଲ୍ ୭ ହେଲା, ବ୍ୟଥିତ ଆବେଦକମାନେ କିପରି ଧାରା ୧୯ରେ ସୂଚିତ ହୋଇଥିବା ପ୍ରଥମ ଅପିଲ୍ ଓ ଦ୍ୱିତୀୟ ଅପିଲ୍‌କୁ ଫର୍ମ-'ଡି' ଓ ଫର୍ମ-'ଇ' ମାଧ୍ୟମରେ ମୂଲ୍ୟସୂଚୀରେ ଘୋଷିତ ଅପିଲ୍ ଫି ସହିତ ଯଥାକ୍ରମେ ବିଭାଗୀୟ ଅପିଲ୍ ଅଧିକାରୀ ଓ ରାଜ୍ୟ ସୂଚନା କମିଶନ୍‌ଙ୍କ ନିକଟକୁ ପଠାଇବେ । ସୁତରାଂ ଏଥିରୁ ଏହା ସୁସ୍ପଷ୍ଟ ଯେ, ଓଡିଶା ନିୟମାବଳୀରେ ଘୋଷିତ ମୂଲ୍ୟସୂଚୀ କେବଳ ସେହିମାନଙ୍କ ପାଇଁ ପ୍ରଯୁଜ୍ୟ ହେବ, ଯେଉଁମାନେ (କ) ଆଇନ୍‌ର ଧାରା ୬(୧) ଅନୁଯାୟୀ ସୂଚନା ପାଇଁ ଦରଖାସ୍ତ କରୁଛନ୍ତି, (ଖ) ସେମାନଙ୍କ ଦରଖାସ୍ତ ମଞ୍ଜୁର ହେଲାପରେ ଆଇନ୍‌ର ଧାରା ୭ ଅନୁଯାୟୀ ବିଭିନ୍ନ ମାଧ୍ୟମରେ (ଯଥା- ଜେରକ୍ସ, ଇନ୍‌ସ୍ପେକ୍‌ସନ୍, ଇଲେକ୍ଟ୍ରନିକ୍ ସାମଗ୍ରୀ ଇତ୍ୟାଦି) ସୂଚନା ହାସଲ କରୁଛନ୍ତି, ତଥା (ଗ) ବ୍ୟଥିତ ହେଲେ ଆଇନ୍‌ର ଧାରା ୧୯ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଅପିଲ୍ କରୁଛନ୍ତି । ସୁତରାଂ ଧାରା ୪ ଅଧୀନରେ ସୂଚନା ପାଇବାକୁ ଇଚ୍ଛୁକ ଥିବା ନାଗରିକଙ୍କୁ ଘୋଷିତ ମୂଲ୍ୟସୂଚୀ ଅନୁଯାୟୀ ଦେୟ ଦେବାକୁ ବାଧ୍ୟ କରାଯାଇ ପାରିବ ନାହିଁ ।

**ଧାରା ୪ର ସୂଚନା କେବଳ ମାଗଣାରେ ମିଳିବା ହିଁ ଆଇନ୍-ସଙ୍ଗତ**

ବର୍ତ୍ତମାନ ପୁଣି ପ୍ରଶ୍ନ ଉଠୁଛି, ତେବେ ଧାରା ୪ ଅଧୀନସ୍ଥ ସ୍ୱୟଂ-ପ୍ରକଟନୀୟ ସୂଚନା ପାଇବା ବାବଦରେ ସଂପୃକ୍ତ ନାଗରିକଙ୍କୁ କେଉଁ ପରିମାଣର ଅର୍ଥ ଦେବାକୁ ପଡିବ ? ଏ ବିଷୟରେ ମୂଳ ଆଇନ୍‌ର ଧାରା ୪(୪)ରେ ସ୍ପଷ୍ଟଭାବେ କୁହାଯାଇଛି ଯେ, ଏସବୁ ସୂଚନା ମାଗଣାରେ ଦିଆଯିବ, ନଚେତ୍ ବିହିତ ହେବାକୁ ଥିବା କେବଳ ମୁଦ୍ରଣ ଖର୍ଚ୍ଚ ବା ମାଧ୍ୟମ ବା ମିଡିୟମ୍‌ର ମୂଲ୍ୟ ବିନିମୟରେ ଯୋଗାଇ ଦିଆଯିବ । ଆଇନ୍‌ର ଧାରା ୨୭(୨)ରେ ମଧ୍ୟ ସ୍ପଷ୍ଟଭାବେ କୁହାଯାଇଛି ଯେ, ଗୋଟିଏ ସମୁଚିତ ସରକାର (କେନ୍ଦ୍ର ବା ରାଜ୍ୟ ସରକାର) ମୋଟ୍ ୪ ପ୍ରକାର ଫିସ୍ ଯଥା- ଧାରା ୪(୪)ଅଧୀନସ୍ଥ ସ୍ୱୟଂ-ପ୍ରକଟନୀୟ ସୂଚନା, ଧାରା ୬(୧) ଅଧୀନସ୍ଥ ଦରଖାସ୍ତ, ଧାରା ୭(୧) ଅଧୀନସ୍ଥ ସୂଚନା ପ୍ରଦାନ ଏବଂ ଧାରା ୭(୫) ଅଧୀନସ୍ଥ ଇଲେକ୍ଟ୍ରନିକ୍ ମାଧ୍ୟମ ବାବଦରେ ଫିସ୍ ବିହିତ ବା ଘୋଷିତ କରିପାରନ୍ତି । କିନ୍ତୁ, ଓଡିଶା ନିୟମାବଳୀର ନିୟମ ବା ରୁଲ୍-୨(୧ସି)ରେ 'ଫିସ୍'ର ସଂଜ୍ଞା ଦିଆଯାଇ କେବଳ ୩ଟି ଫିସ୍, ଯଥା- ଧାରା ୬(୧), ଧାରା ୭(୧) ଓ ଧାରା ୭(୫) ଅଧୀନସ୍ଥ ଫିସ୍‌କୁ ମାନ୍ୟତା ଦିଆଯାଇଛି । ଫଳତଃ ଓଡିଶା ନିୟମାବଳୀରୁ ଧାରା ୪(୪)ର ଫିସ୍ ବାଦ୍ ପଡିଛି । ଯେହେତୁ ଏହି ଫିସ୍ ବିହିତ ହୋଇନାହିଁ, ତେଣୁ ମୂଳ ଆଇନ୍ ଅନୁଯାୟୀ ଧାରା ୪ର ସୂଚନା ମାଗଣାରେ ମିଳିବା କଥା । ସର୍ବୋପରି, ଓଡିଶା ନିୟମାବଳୀର ନିୟମ-୨(୨)ରେ ସ୍ପଷ୍ଟ କୁହାଯାଇଛି ଯେ, ଏହି ନିୟମାବଳୀରେ ଯେଉଁ ସବୁ ବିଷୟରେ ବିଧିବ୍ୟବସ୍ଥା ସ୍ଥାନିତ ହୋଇପାରିନି, ସେହିସବୁ ବିଷୟରେ ମୂଳ ଆଇନ୍‌ର ବିଧିବ୍ୟବସ୍ଥା ହିଁ କାର୍ଯ୍ୟକାରୀ ହେବ । ସୁତରାଂ ମୂଳ ଆଇନ୍‌ର ଧାରା୪(୪) ଅନୁଯାୟୀ ଯଦି କିଛି ଫିସ୍ ବିହିତ ହୋଇନଥାଏ, ତେବେ ମାଗଣା ବ୍ୟବସ୍ଥା ହିଁ କାଏମ୍ ରହିବ ।

**ଧାରା ୪ର ସୂଚନାରୁ ବଞ୍ଚିତ ହେଲେ ଧାରା ୧୮ ଅଧୀନରେ ଅଭିଯୋଗ**

ବର୍ତ୍ତମାନ ଯଦି ଓଡିଶାର କୌଣସି ଜନକର୍ତ୍ତୃପକ୍ଷ ଜଣେ ଆଗ୍ରହୀ ବ୍ୟକ୍ତିଙ୍କୁ ଧାରା ୪ ଅଧୀନସ୍ଥ ସ୍ୱୟଂ-ପ୍ରକଟନୀୟ ସୂଚନାକୁ ତତ୍‌କ୍ଷଣାତ୍, ବିନା ଦରଖାସ୍ତରେ ଏବଂ ମାଗଣାରେ ଦେବାକୁ ମନା କରିଦିଅନ୍ତି ବା କୁଣ୍ଠିତ ହୁଅନ୍ତି, ତେବେ ସେହି ବ୍ୟଥିତ ବ୍ୟକ୍ତି ସଙ୍ଗେସଙ୍ଗେ ରେଜିଷ୍ଟ୍ରାର, ରାଜ୍ୟ ସୂଚନା କମିଶନ୍, ରାଜ୍ୟ ଅତିଥି ଭବନ, ଭୁବନେଶ୍ୱରଙ୍କ ନିକଟକୁ ପ୍ରାପ୍ତିସ୍ୱୀକାର ରସିଦର ବ୍ୟବସ୍ଥା ଥାଇ ରେଜିଷ୍ଟର୍ଡ ଚିଠି ଦ୍ୱାରା ମୂଳ ଆଇନ୍‌ର ଧାରା ୧୮ ଅନୁଯାୟୀ ପ୍ରତ୍ୟକ୍ଷ ଅଭିଯୋଗ ପ୍ରେରଣ କରିପାରିବେ । ଆମେ ଆଗରୁ ଲକ୍ଷ୍ୟ କରିଛେ, ଓଡିଶା ନିୟମାବଳୀ କେବଳ ଧାରା ୧୯ ଅନ୍ତର୍ଗତ ୧ମ ଓ ୨ୟ ଅପିଲ୍ ପାଇଁ ଫିସ୍ ଘୋଷଣା କରିଛି, ଏବଂ ଧାରା ୧୮ଅଧୀନସ୍ଥ କୌଣସି ଅଭିଯୋଗ ପାଇଁ ନୁହେଁ । ୬ମାର୍ଚ୍ଚ ୨୦୦୬ରେ ବିଜ୍ଞପ୍ତି ହୋଇଥିବା ଓଡିଶା ସୂଚନା କମିଶନ୍ (ଅପିଲ୍ ପଦ୍ଧତି) ନିୟମାବଳୀ-୨୦୦୬ର ନିୟମ ୬ ଅନୁଯାୟୀ ଜଣେ ବ୍ୟଥିତ ବ୍ୟକ୍ତି ସାଦା କାଗଜରେ ବିଶଦ୍ ଘଟଣାବଳୀ ଲେଖି ଧାରା ୧୮ ଅଧୀନସ୍ଥ ପ୍ରତ୍ୟକ୍ଷ ଅଭିଯୋଗ ସୂଚନା କମିଶନ୍‌ଙ୍କ ନିକଟରେ ଦାଖଲ କରିପାରିବେ ଏବଂ ଏଥିପାଇଁ କୌଣସି ଫିସ୍‌ର ଆବଶ୍ୟକତା ନାହିଁ । ଅବଶ୍ୟ ମୂଳ ଆଇନ୍ ଅନୁଯାୟୀ, ବ୍ୟଥିତ ନାଗରିକଙ୍କ ଏତାଦୃଶ ପ୍ରତ୍ୟକ୍ଷ ଅଭିଯୋଗକୁ ପଠାଇବାର ଦାୟିତ୍ୱ ହେଉଛି ସଂପୃକ୍ତ ଜନକର୍ତ୍ତୃପକ୍ଷଙ୍କ ଦପ୍ତରରେ ଅବସ୍ଥାପିତ ହୋଇଥିବା ଜନସୂଚନା ଅଧିକାରୀ ଓ ସହାକରୀ ଜନସୂଚନା ଅଧିକାରୀଙ୍କର [ଦ୍ରଷ୍ଟବ୍ୟ- ଧାରା ୫(୨) ଓ ୧୮(୧)] । ଏବଂ ଯଦି ସେହି ଅଧିକାରୀ ବ୍ୟଥିତ ନାଗରିକଙ୍କ କହିବାମତେ ଆବଶ୍ୟକୀୟ ଅଭିଯୋଗକୁ ନିଜେ ଲେଖି ସୂଚନା କମିଶନ୍‌ଙ୍କ ପାଖକୁ ନପଠାନ୍ତି, ତେବେ ସେ ଧାରା ୫(୨) ଓ ୧୮(୧)ର ଉଲ୍ଲଂଘନ କରିଛନ୍ତି ବୋଲି ସଂପୃକ୍ତ ନାଗରିକ ତାଙ୍କ ବିରୁଦ୍ଧରେ ଏବଂ ସମଗ୍ର ଜନକର୍ତ୍ତୃପକ୍ଷଙ୍କ ଦପ୍ତର ବିରୁଦ୍ଧରେ ଅତିରିକ୍ତ ଅଭିଯୋଗ ଆଣି ଅଭିଯୋଗପତ୍ରଟିକୁ ନିଜେ ଲେଖି ରାଜ୍ୟ ସୂଚନା କମିଶନ୍‌ଙ୍କ ନିକଟକୁ ସିଧା ପଠାଇପାରନ୍ତି । ଏବଂ ଓଡିଶା ସୂଚନା କମିଶନ୍ (ଅପିଲ୍ ପଦ୍ଧତି) ନିୟମାବଳୀର ନିୟମ-୬ ଅନୁଯାୟୀ ଅଭିଯୋଗକାରୀଙ୍କ ବକ୍ତବ୍ୟ ନଶୁଣି କମିଶନ୍ କୌଣସି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିବେ ନାହିଁ । ପୁଣି ମୂଳ ଆଇନ୍ ଅନୁଯାୟୀ ଏହି ଅଭିଯୋଗକୁ ଅପ୍ରମାଣ କରିବାର ବୋଝ ଅଭିଯୁକ୍ତ ଅଧିକାରୀଙ୍କର, ଅଭିଯୋକ୍ତା-ନାଗରିକଙ୍କର ନୁହେଁ [ଧାରା ୧୯(୫)]; ବରଂ ଅଭିଯୋକ୍ତା ଯଦି କିଛି କ୍ଷତି ସହିଥାନ୍ତି, ତେବେ ତହିଁର ଭରଣା କରିବାର ଦାୟିତ୍ୱ ସଂପୃକ୍ତ ଜନକର୍ତ୍ତୃପକ୍ଷଙ୍କର [ଦ୍ରଷ୍ଟବ୍ୟ- ଧାରା ୧୯(୮ବି)] । କେବଳ ଏତିକି ନୁହେଁ, ଅଭିଯୋଗ ଯଦି ସତ୍ୟ ବୋଲି ପ୍ରମାଣିତ ହୁଏ, ତେବେ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଏବଂ ଚାକିରୀ କ୍ଷେତ୍ରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୂଚନା କମିଶନ୍ ଆଦେଶ ଦେଇ ପାରିବେ ।

**ଓଡିଶା ପାଇଁ ଏକମାତ୍ର ଅବ୍ୟର୍ଥ ମାର୍ଗ- ଧାରା ୪ ଓ ୧୮**

ସୁତରାଂ ଓଡିଶାରେ ସୂଚନା ଅଧିକାର ନିୟମାବଳୀର ଅବାନ୍ତର, ଅବୈଧାନିକ ଏବଂ ଜନବିରୋଧୀ ଚରିତ୍ର ତଥା ଉଭୟ ସରକାର ଏବଂ ସୂଚନା କମିଶନ୍‌ଙ୍କ ଦ୍ୱାରା ମୂଳ ଆଇନ୍ ସମ୍ବନ୍ଧରେ ମନମୁଖୀ  ଓ ଏକପାଖିଆ ପ୍ରଚାର ଫଳରେ ବର୍ତ୍ତମାନ ଏହି ଐତିହାସିକ ଆଇନ୍‌ର କାର୍ଯ୍ୟକାରିତାକୁ କେନ୍ଦ୍ରକରି ଯେଉଁ ସ୍ଥାଣୁତା ଦେଖାଯାଇଛି, ତାକୁ ହଟେଇବାର ଏକମାତ୍ର ପ୍ରକୃଷ୍ଟ ମାର୍ଗ ହେଲା- ଧାରା ୪ ଅଧୀନରେ ବିନା ଦରଖାସ୍ତ ଓ ବିନା ଫିସ୍‌ରେ ଯେ କୌଣସି ଜନକର୍ତ୍ତୃପକ୍ଷଙ୍କ ଠାରୁ ତତ୍‌କ୍ଷଣାତ୍ ସୂଚନା ଦାବୀ କରିବା ଏବଂ ସୂଚନା ନମିଳିଲେ ଧାରା ୧୮ ଅଧୀନରେ ରାଜ୍ୟ ସୂଚନା କମିଶନ୍‌ଙ୍କ ନିକଟକୁ ସିଧାସଳଖ ସାଦା କାଗଜରେ ତତ୍‌କ୍ଷଣାତ୍ ଅଭିଯୋଗ ପ୍ରେରଣ କରିବା ।

**Chitta Behera, 4A Jubilee Tower, Choudhury Bazar, Cuttack-9, Email: chittabehera1@yahoo.co.in, Mobile- 9437577546**